# ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ, କେନ୍ଦୁଝର

( ସାଧାରଣ ଅଭିଯୋଗ ଉପ-ବିଭାଗ)

***

ସଂଖ୍ୟା:COLKNH-MISC-PG-୦୦୦୧-୨୦୨୬/୨୩୦୦ / ସାଅ / ତା ୦୪ / ୦୪ / ୨୦୨୬ ରିଖ

<u>କାର୍ଯ୍ୟାଳୟ ଆଦେଶ</u>

ବିଷୟ :- ମିଳିତ ଜନ ଶୁଣାଣି ନିମନ୍ତେ ଅପ୍ରେଲ -୨୦୨୬ ମାସ ର କାର୍ଯ୍ୟସୂଚୀ

ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଏବଂ ପେନସନ ପ୍ରଶାସନ ବିଭାଗଙ୍କ ପତ୍ର ସଂଖ୍ୟା ୬୦୨୫/ ପିଜି ଓ ପିଏ, ତା ୦୮.୧୦.୨୦୧୨ରିଖ ଅନୁସରଣ ପୂର୍ବକ, ଜିଲ୍ଲାପାଳ, କେନ୍ଦୁଝର ଏବଂ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝରଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ନିମନ୍ତେ ଅପ୍ରେଲ -୨୦୨୬ ମାସ ର କାର୍ଯ୍ୟସୂଚୀ ନିମ୍ନରେ ପ୍ରଦତ୍ତ:-

| କ୍ରମିକ ସଂଖ୍ୟା | ତାରିଖ | ସ୍ଥାନ | ସମୟ |
|---|---|---|---|
| ୧ | ୦୬. ୦୪. ୨୦୨୬ (ସୋମବାର) | ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର | ପୂର୍ବାହ୍ନ ୧୦. ୦୦ ଘଟିକା ରୁ ଅପରାହ୍ନ ୦୧: ୦୦ ଘଟିକା ପର୍ଯ୍ୟନ୍ତ |
| ୨ | ୧୩. ୦୪. ୨୦୨୬ (ସୋମବାର) | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡ଼ିହି | ପୂର୍ବାହ୍ନ ୧୦. ୦୦ ଘଟିକା ରୁ ଅପରାହ୍ନ ୦୧: ୦୦ ଘଟିକା ପର୍ଯ୍ୟନ୍ତ |
| ୩ | ୨୦. ୦୪. ୨୦୨୬ (ସୋମବାର) | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁ | ପୂର୍ବାହ୍ନ ୧୦. ୦୦ ଘଟିକା ରୁ ଅପରାହ୍ନ ୦୧: ୦୦ ଘଟିକା ପର୍ଯ୍ୟନ୍ତ |
| ୪ | ୨୭. ୦୪. ୨୦୨୬ (ସୋମବାର) | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର | ପୂର୍ବାହ୍ନ ୧୦. ୦୦ ଘଟିକା ରୁ ଅପରାହ୍ନ ୦୧: ୦୦ ଘଟିକା ପର୍ଯ୍ୟନ୍ତ |

ମିଳିତ ଜନ ଅଭିଯୋଗ ଶୁଣାଣି ସୁଚାରୁ ଭାବେ ପରିଚାଳନା ପାଇଁ ସମ୍ପୃକ୍ତ ବି.ଡି.ଓ. ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରିବେ:-

୧) ଆବେଦନକାରୀ ଏବଂ ଅସୁସ୍ଥ/ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ସହଯୋଗୀଙ୍କ ପାଇଁ ଛାୟା ସହିତ ପର୍ଯ୍ୟାପ୍ତ ବସିବା ବ୍ୟବସ୍ଥା ଓ ପାନୀୟ ଜଳର ବ୍ୟବସ୍ଥା ।

୨) ସମ୍ପୃକ୍ତ ବି.ଡି.ଓ. (ଜିଲ୍ଲା ମୁଖ୍ୟାଳୟରେ ଯୁଗ୍ମ ଶୁଣାଣି ସମୟରେ ବି.ଡି.ଓ., ସଦର) ବ୍ଲକ କାର୍ଯ୍ୟାଳୟର ଅତି କମ୍‌ରେ ୦୬ (ଛଅ) ଜଣ ପ୍ରଯୁକ୍ତି-ଦକ୍ଷ କର୍ମଚାରୀ (ସି.ପି., ଏ.ସି.ପି. ଏବଂ ଅନ୍ୟମାନେ)ଙ୍କୁ ନେଇ ଏକ ନିର୍ଦ୍ଦିଷ୍ଟ ଟିମ୍ ଗଠନ କରିବେ। ଏହି ଟିମ୍ କମ୍ପ୍ୟୁଟର, ସ୍କାନର, ପ୍ରିଣ୍ଟର ଓ ଆବଶ୍ୟକ ଅନ୍ୟାନ୍ୟ ସାଧନ ସହ ସଜ୍ଜିତ ରହିବେ। ଯୁଗ୍ମ ଅଭିଯୋଗ ଶୁଣାଣି ସମୟରେ ଏହି ଟିମ୍ ସମ୍ପୃକ୍ତ ବ୍ଲକ କାର୍ଯ୍ୟାଳୟରେ ଉପସ୍ଥିତ ରହି ପ୍ରତ୍ୟେକ ଅଭିଯୋଗ ଆବେଦନକୁ ରିଅଲ୍-ଟାଇମ୍ ଭିତ୍ତିରେ "ଜନ ଶୁଣାଣି ପୋର୍ଟାଲ"ରେ ପଞ୍ଜୀକରଣ ଏବଂ ଆବଣ୍ଟନ କରିବେ।

୩) ଏହି ଟିମ୍‌ର ଦାୟିତ୍ୱ ହେଉଛି ସମସ୍ତ ଅଭିଯୋଗ ପତ୍ରକୁ ସ୍କାନ୍ କରି, "ଜନ ଶୁଣାଣି ପୋର୍ଟାଲ"ରେ ଅପଲୋଡ୍ କରିବା ସହ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ତତ୍କାଳ ଆବଣ୍ଟନ କରିବା ଏବଂ ଅପଲୋଡିଂ ରିପୋର୍ଟ ପରବର୍ତ୍ତୀ ଦିନ ସନ୍ଧ୍ୟା ମଧ୍ୟରେ ନିର୍ଦ୍ଧାରିତ ଏକ୍ସେଲ୍ ଫର୍ମାଟ୍‌ରେ ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠକୁ ପ୍ରେରଣ କରିବେ ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୦୮ / ସାଅ ତା ୦୪ / ୦୪ /୨୦୨୬ ରିଖ

ଏହାର ଏକ କିତା ନକଲ ଆରକ୍ଷୀ ଅଧୀକ୍ଷକ, କେନ୍ଦୁଝରଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୦୨ / ସାଅ ତା ୦୪ / ୦୪ /୨୦୨୬ ରିଖ

ଏହାର ଏକ କିତା ନକଲ ଅତିରିକ୍ତ ଶାସନ ସଚିବ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ, ଓଡ଼ିଶା ସରକାରଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୦୩ / ସାଅ ତା ୦୪ / ୦୪ / ୨୦୨୬ ରିଖ

ଏହାର ଏକ କିତା ନକଲ ସମସ୍ତ ବନଖଣ୍ଡ ଅଧିକାରୀ, କେନ୍ଦୁଝର / ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ, କେନ୍ଦୁଝର/ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦୁଝର / ସମସ୍ତ ଉପ-ଜିଲ୍ଲାପାଳ/ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ, କେନ୍ଦୁଝର/ ପ୍ରକଳ୍ପ ନିର୍ଦ୍ଦେଶକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, କେନ୍ଦୁଝର ଏବଂ ଚମ୍ପୁଆ/ ସମସ୍ତ ତହସିଲଦାର/ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ/ ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ପୌର ପରିଷଦ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ/ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ, କେନ୍ଦୁଝର/ ଜିଲ୍ଲା କଲ୍ୟାଣ ଅଧିକାରୀ, କେନ୍ଦୁଝର/ ଜିଲ୍ଲା ଶିକ୍ଷା ଅଧିକାରୀ, କେନ୍ଦୁଝର/ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, କେନ୍ଦୁଝର ଜିଲ୍ଲା/ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କେନ୍ଦୁଝର/ ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ, କେନ୍ଦୁଝର/ ଆଞ୍ଚଳିକ ପରିବହନ ଅଧିକାରୀ, କେନ୍ଦୁଝର/ ସ୍ୱତନ୍ତ୍ର ଅଧିକାରୀ, ଜୁଆଙ୍ଗ ଉନ୍ନୟନ ସଂସ୍ଥା, ଗୋନାସିକା/ ସମସ୍ତ ଡେପୁଟୀ ଜିଲ୍ଲାପାଳ/ସହକାରୀ ଜିଲ୍ଲାପାଳ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନେ କାର୍ଯ୍ୟସୂଚୀ ଅନୁଯାୟୀ ମିଳିତ ଜନ ଅଭିଯୋଗ ଶୁଣାଣି ସୁରୁଖୁରୁ ରେ ସମ୍ପାଦନ ହେବା ନିମନ୍ତେ ନିଜ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବେ ।

ଜିଲ୍ଲାପାଳ, କେନ୍ଦୁଝର

ଜ୍ଞାପକ ସଂଖ୍ୟା ୨୬୦୪ / ସାଅ ତା ୦୪ / ୦୪ / ୨୦୨୬ ରିଖ

ଏହାର ଏକ କିତା ନକଲ ସହକାରୀ ଜିଲ୍ଲାପାଳ, ନିଜାରତ୍ ଉପ-ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ଅବଗତି ନିମନ୍ତେ ତଥା ତା ୦୬.୦୪.୨୦୨୬(ସୋମବାର) ଦିନ ଦରବାର ହଲ ଠାରେ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ନିମନ୍ତେ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପ୍ରେରଣ କରାଗଲା।

ଏହାର ଏକ କିତା ନକଲ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ, କେନ୍ଦୁଝର/ଷ୍ଟେସନ ନିର୍ଦ୍ଦେଶକ, ଆକାଶବାଣୀ, କେନ୍ଦୁଝର/ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, କେନ୍ଦୁଝରଙ୍କ ଅବଗତି ଏବଂ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକ କିତା ନକଲ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକ / ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଏବଂ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ କ୍ଷିପ୍ରଲେଖକଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, କେନ୍ଦୁଝର